## ବୋମା ପକାଇ ଜଣେ ଗିରଫ

ବଉଁରପାଳ,(ଡି.ଏନ.ଏ.): ସାମାନ୍ୟ ବଚସାକୁ କେନ୍ଦ୍ର କରି ଦାଦା ଉପରକୁ ବୋମା ପକାଇବା ଅଭିଯୋଗରେ ବଉଁରପାଳ ପୋଲିସ ମହୀଧରପୁର ଗ୍ରାମର ଅକ୍ଷୟ ଜେନାଙ୍କୁ ଗିରଫ କରିଛି। ଏ ନେଇ ନଂ. ୨୮୩/୨୧ରେ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ରବି କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କୁଲାଡ଼ରେ ନନ୍ଦ ଉତ୍ସବ

ବଉଁରପାଳ,୧୯(ଡି.ଏନ.ଏ.): ବଉଁରପାଳ ବ୍ଲକ ଅନ୍ତର୍ଗତ କୁଲାଡ଼ ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳିତ ହୋଇଛି। କୋଭିଡ୍ ନିୟମ ଅନୁଯାୟୀ ଗ୍ରାମବାସୀ ଏହି ଉତ୍ସବକୁ ପାଳନ କରିଥିଲେ। ସୋମବାର ପ୍ରଭୁ ଶ୍ରୀକୃଷ୍ଣଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଜନ୍ମାଷ୍ଟମୀ ବ୍ରତ ପାଳନ କରିଥିଲେ। ରାତି ୧୨ଟାରେ ପ୍ରଭୁଙ୍କ ଜନ୍ମଉତ୍ସବ ପାଳିତ ହୋଇଥିଲା। ବୁଧବାର ନନ୍ଦଉତ୍ସବ ପାଳିତ ହୋଇଥିଲା। ଏଥିସହ ଦହିହାଣ୍ଡି ଭଙ୍ଗାଯାଇଥିଲା। ଶରତ ଚନ୍ଦ୍ର ଅମାନ୍ତ, ବାମଦେବ ସେଠ, ଅକ୍ଷୟ ଜେନା, ବିଜନ ଦଳବେହେରା, ହରି ଦେହୁରୀ, ନିରୋଦ କୁମାର ଦେହୁରୀ, ଦିବାକର ବିସୋଇ, ପୂର୍ଣ୍ଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

### ମୁଖ୍ୟମନ୍ତ୍ରୀ ପଦକ ପାଇବେ ମୟୂରଭଞ୍ଜର ୨ ଆଇଆଇସି

ବାରିପଦା ଅଫିସ,୧୯-ଓଡ଼ିଶା ସରକାରଙ୍କ ଗୃହବିଭାଗ ପତ୍ର ସଂଖ୍ୟା (୩୦୪୯୧/୩୧।୮।୨୧) ଅନୁଯାୟୀ ମୟୂରଭଞ୍ଜ ଜିଲାର ୨ଜଣ ଆଇଆଇସି ମୁଖ୍ୟମନ୍ତ୍ରୀ ପଦକ ପାଇବେ ବୋଲି ଜଣାପଡ଼ିଛି । ସେମାନେ ହେଲେ ରାଇରଙ୍ଗପୁର ଟାଉନ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ଓ ବଡ଼ସାହି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ। ଉଭୟେ ୫ଟି ଅଧାନରେ ନିଜର ତଦନ୍ତ ପ୍ରକ୍ରିୟାରେ ପାରଦର୍ଶିତା ପାଇଁ ଏହି ସମ୍ମାନ ପାଇବାକୁ ଯାଉଛନ୍ତି । ୨୦୨୦ ମସିହା ଏପ୍ରିଲ ୨ତାରିଖରେ ଗୃହ ବିଭାଗ ଏପରି ସମ୍ମାନ ପ୍ରଦାନ ନେଇ ଘୋଷଣା କରିଛନ୍ତି। ବିଭାଗର ଅତିରିକ୍ତ ସଚିବଙ୍କ ଅଧକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ପୁରସ୍କାର କମିଟି ଉଭୟଙ୍କ କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ଘୋଷଣା କରିଛି ।

### ମୋବାଇଲ ଚୋରି କରି ଛେଚା ଖାଇଲେ ଯୁବକ

ପାଟଣା,୧୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଦାମାହୁଦା ସାପ୍ତାହିକ ହାଟରେ ମଙ୍ଗଳବାର ଜଣେ ମୋବାଇଲ ଚୋରକୁ ଧରି ଲୋକେ ପିଟିବା ସହ ପୋଲିସ ଜିମା ଦେଇଛନ୍ତି। ବୁଧବାର ପୋଲିସ ଉକ୍ତ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଘଟଗାଁ ଥାନା ପଲାଣି ଘାଟିର ସୁଶାନ୍ତ ଲୋହାର। ପାଟଣା ଥାନାରେ ମାମଲା (ନଂ.୧୪୦/୨୧) ରୁଜୁ ହୋଇଛି। ସୂଚନା ଅନୁସଯାୟୀ, ଦାମାହୁଦା ସାପ୍ତାହିକ ହାଟରେ ୩ଜଣଙ୍କ ପକେଟରୁ ସୁଶାନ୍ତ ମୋବାଇଲ ଚୋରି କରିବା ପରେ ଅନ୍ୟ ଜଣଙ୍କଠାରୁ ଚୋରି ସମୟରେ ଧରାପଡ଼ିଥିଲେ।

### ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଚିତ୍ରଡ଼ା, ୧୯ (ଡି.ଏନ.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରିୟବ୍ରତ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅରବିନ୍ଦ ଦାସ, ଆକାଶ ଦାସ, ବିଷ୍ଣୁପ୍ରିୟା ଦାସ, ସନ୍ତୋଷ କୁମାର ବେହେରା, କ୍ଷୀତିଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ପ୍ରତିଷ୍ଠାତା ଉମେଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱର୍ଗତ ପୂର୍ବତନ କିରାଣି ବିମଳ ଚନ୍ଦ୍ର ମହାନ୍ତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ଚାଷୀଙ୍କ ଦୁଃଖ କପାଳି

ବନ୍ତ,୧୯(ସ୍ୱ.ପ୍ର.)


କପାଳି ନଦୀ ଗର୍ଭ କଳମ ଗଛରେ ଭର୍ତ୍ତି ହୋଇଛି।

■ମିଳୁନି ନଦୀର ମାନ୍ୟତା
■ସରକାରୀ ସହାୟତାରୁ ବଞ୍ଚିତ ଚାଷୀ
■କଳମ ବୁଦାରେ ଭର୍ତ୍ତି ନଦୀଗର୍ଭ

ଭଦ୍ରକ ଜିଲା ବନ୍ତ ବ୍ଲକ ଦେଇ ୩ ନଦୀ ସାଳନ୍ଦୀ, କପାଳି ଓ ସରୁସାଗର ପ୍ରବାହିତ। ସାଳନ୍ଦୀ ବ୍ୟତୀତ ସରୁସାଗର ଓ କପାଳିକୁ ସରକାରୀ ଖାତା ଏବଂ ମାନଚିତ୍ରରେ ଅଦ୍ୟାବଧି ନଦୀର ମାନ୍ୟତା ମିଳିନାହିଁ। ପ୍ରତ୍ୟେକ ବର୍ଷ ବର୍ଷାଋତୁରେ ଏହି ୨ ନଦୀର ବନ୍ୟାପାଣିରେ ନଦୀକୂଳିଆ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। କପାଳି ବନ୍ୟା ଜଳରେ ନଦୀକୂଳିଆ ଚାଷଜମି ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଏହା ନଦୀକୂଳିଆ ଚାଷୀଙ୍କ ଦୁଃଖ ପାଲଟିଛି।

କପାଳି କେନ୍ଦୁଝର ଜିଲା ହାଟଡିହୀ ଅଞ୍ଚଳରୁ ଏକ ଛୋଟ ନାଳ ରୂପେ ବାହାରି ବକ୍ର ଗତିରେ ବନ୍ତ ବ୍ଲକର ବସନ୍ତିଆ, ରାମଚନ୍ଦ୍ରପୁର, ବନ୍ତ, ଟିଲୋ, ଛୟାଳସିଂ, ଗଣିଜାଙ୍ଗ, ରାମକୃଷ୍ଣପୁର, ରାମପୁର ପଞ୍ଚାୟତ ଦେଇ ପ୍ରବାହିତ ହୋଇ ଧାମନଗର ବ୍ଲକର ଗେଙ୍ଗୁଟି ନଦୀରେ ବିଲୀନ ହୋଇଛି। ବକ୍ର ଗତି କାରଣରୁ ସିଧାସଳଖ ଜଳ ନିଷ୍କାସନ ହୋଇ ନ ପାରି ନଦୀର ଉଭୟ ପାର୍ଶ୍ୱକୁ ବାହାରି ଚାଷଜମିରେ ମାଡ଼ିଯାଇ ବହୁ କ୍ଷତି ଘଟାଇଥାଏ। ପ୍ରତ୍ୟେକ ବର୍ଷାଋତୁରେ ଏହି ନଦୀ ବହୁବାର କୂଳ ଲଘିଂଥାଏ। ସରକାରୀ ଭାବେ ନଦୀ ମାନ୍ୟତା ପାଇ ନ ଥିବାରୁ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତାରୁ ବଞ୍ଚିତ ହେଉଛନ୍ତି। ବିଗତ ବର୍ଷଗୁଡ଼ିକରେ ଲଘୁଚାପ ସମୟରେ ବନ୍ୟାପାଣି ମାଡ଼ିଯାଇ ନଦୀକୂଳିଆ ଜମିର ଫସଲ ନଷ୍ଟ ହୋଇଥିଲେ ସୁଦ୍ଧା ଚାଷୀମାନେ ସହାୟତା ପାଇନାହାନ୍ତି। ସେହିପରି ନଦୀ ସଂସ୍କାର ଯୋଜନା ଏଠାରେ ବିଫଳ ହୋଇଛି। ଫଳରେ ନଦୀ ଗର୍ଭ କଳମ ବୁଦାରେ ଭର୍ତ୍ତି ହେବା ସହ ଅନେକ ସ୍ଥାନରେ ପୋତି ହୋଇଗଲାଣି। ସମସ୍ୟାର ସମାଧାନ ପାଇଁ ଏହି ୨ ନଦୀକୁ ସରକାରୀ ସ୍ତରରେ ମାନ୍ୟତା ପାଇଁ ଚାଷୀ ମହଲରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ବିଭାଗ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଗତ ଫାଇଲିନ ବାତ୍ୟା ସମୟରେ ସ୍ଥାନୀୟ ବିଧାୟକ କପାଳିକୁ ସରକାରୀ ଭାବେ ନଦୀର ମାନ୍ୟତା ନେଇ ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ଏହା ପ୍ରତିଶ୍ରୁତିରେ ହିଁ ରହିଯାଇଛି। ବ୍ଲକର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସ୍ଥାନୀୟ ରାଜନେତାମାନେ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବନିତାରାଣୀ କିସ୍କୁଙ୍କୁ ପଚାରିବାରୁ କପାଳି ନଦୀକୁ ସରକାରୀ ମାନ୍ୟତା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି କହିଛନ୍ତି।

# ଚାଷୀଙ୍କୁ ମିଳୁନି କୂଅଖୋଳା ଟଙ୍କା


କୁମୁରସିଙ୍ଗା ଗ୍ରାମର ଚାଷୀ ରାଜନ ନାୟକଙ୍କ ଜମିରେ ଖୋଳାଯାଇଥିବା କୂଅ।

ବଇଣ୍ଡା,୧୯(ଡି.ଏନ.ଏ.)

କୃଷିର ବିକାଶ ତଥା ଚାଷ ଜମିକୁ ପାଣି ମାଡିବା ପାଇଁ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ବିଭିନ୍ନ ଗ୍ରାମରେ କୂଅ ଖନନ କରୁଛନ୍ତି। ତେବେ ଅନେକ ଗ୍ରାମରେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ କୁମୁରସିଙ୍ଗା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଗ୍ରାମର ଚାଷୀ ରାଜନ ନାୟକ ତାଙ୍କ ଜମିରେ ୨୦୧୯-୨୦୨୦ରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୧ ଲକ୍ଷ ୪୫ ହଜାର ଟଙ୍କା ଅଟକଳରେ ଏକ କୂଅ ଖୋଳିଥିଲେ। କୂଅ ଖନନକୁ ବର୍ଷେ ବିତିଯାଇଥିଲେ ମଧ୍ୟ ତାଙ୍କୁ ସମ୍ପୂର୍ଣ୍ଣ ବିଲ୍ ମିଳିପାରି ନାହିଁ। ଏ ନେଇ ସେ ଅନୁଗୋଳ ଜିଲାପାଳଙ୍କଠାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦ରୁ ଉକ୍ତ କୂଅ ଖୋଳାଯିବା ସହ ସମ୍ପୂର୍ଣ୍ଣ କାମ ସରିଯାଇଛି। ହେଲେ ରାଜନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ମାତ୍ର ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ବଳକା ୧ ଲକ୍ଷ ୧୫ ହଜାର ଟଙ୍କା ଦିଆଯାଉ ନାହିଁ। ଏ ନେଇ ରାଜନ ବହୁବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କୂଅ ଖୋଳିବା ସମୟରେ ବିଭିନ୍ନ ସ୍ଥାନରୁ ଋଣ ଆଣିଛନ୍ତି। କିନ୍ତୁ ବିଲ୍ ମିଳୁ ନ ଥିବା ଯୋଗୁ ସେ ଚିନ୍ତିତ ହୋଇପଡିଛନ୍ତି। ତୁରନ୍ତ ତାଙ୍କ ବିଲ୍ ପଇଠ କରା ନ ଗଲେ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ କହିଛନ୍ତି, ସେଭଳି କୌଣସି ଅଭିଯୋଗ ହୋଇନାହିଁ। ତୁରନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯାଇ ରାଜନଙ୍କୁ ବିଲ୍ ଯୋଗାଇ ଦିଆଯିବ।

# ‘ମିଟ୍ ଆୱାର ଷ୍ଟାର୍ଟଅପ୍ ହିରୋଜ୍’ ଶୁଭାରମ୍ଭ

ଭୁବନେଶ୍ୱର, ୧୯(ବ୍ୟୁରୋ)


କାର୍ଯ୍ୟକ୍ରମରେ ସୁବ୍ରତୋ ବାଗ୍‌ଚୀ ଓ ଅନ୍ୟମାନେ।

■ ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟଅପ୍ ଦୁନିଆ ସହ ଯୋଡ଼ିବାର ଉଦ୍ୟମ
■ ଉଦ୍ୟୋଗ ପଛର ଉଦ୍ୟୋଗୀଟିଏ ହେବାକୁ ପଡ଼ିବ: ସୁବ୍ରତୋ ବାଗ୍‌ଚୀ

ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟଅପ୍ ଦୁନିଆ ସହ ଯୋଡ଼ି ସେମାନଙ୍କ ମନରେ ଉଦ୍ୟୋଗୀ ମନୋଭାବ ବଢ଼ାଇବା ଲାଗି ରାଜ୍ୟ ସରକାରଙ୍କ ‘ମୋ କଲେଜ’ ଅଭିଯାନ ପକ୍ଷରୁ ଆରମ୍ଭ ହୋଇଛି ‘ମିଟ୍ ଆୱାର ଷ୍ଟାର୍ଟଅପ୍ ହିରୋଜ୍’ କାର୍ଯ୍ୟକ୍ରମ। ବୁଧବାର ଏହାକୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧକ୍ଷ ସୁବ୍ରତୋ ବାଗ୍‌ଚୀ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ବାଗ୍‌ଚୀ କହିଲେ, ସମସ୍ତଙ୍କ ମନ ଭିତରେ ଉଦ୍ୟୋଗୀ ମନୋଭାବ ରହିବା ଦରକାର। ଜଣେ ଉଦ୍ୟୋଗୀ ହିଁ ଗୋଟିଏ ସଂସ୍ଥା ବା ଗୋଟିଏ ଅନୁଷ୍ଠାନକୁ ତିଆରି କରିଥାଏ। ତେଣୁ ଓଡ଼ିଶାକୁ ଷ୍ଟାର୍ଟଅପ୍ କ୍ଷେତ୍ରରେ ନୂଆ ପରିଚୟ ଦେବା ପାଇଁ ଆମମାନଙ୍କୁ ଉଦ୍ୟୋଗ ପଛର ଉଦ୍ୟୋଗୀଟିଏ ହେବାକୁ ପଡ଼ିବ। ‘ମୋ କଲେଜ’ଅଭିଯାନ ପରିଚାଳନା ସଙ୍ଗଠନ ଅଧକ୍ଷ ଆକାଶ ଦାସନାୟକ କାର୍ଯ୍ୟକ୍ରମ ପରିଚାଳନା କରି କହିଲେ, ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଆଖିରେ ଅନେକ ସ୍ୱପ୍ନ ରହିଛି। ସେମାନେ ସବୁ କ୍ଷେତ୍ରରେ ଦକ୍ଷ ଓ ସମର୍ଥ। ସେମାନଙ୍କୁ କେବଳ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ସେମାନଙ୍କ ସ୍ୱପ୍ନ, ପ୍ରତିଭାକୁ ସଫଳ ରୂପ ଦେବାକୁ ଏକ ମାଧ୍ୟମ ଦରକାର। ଏଥିପାଇଁ ‘ମୋ କଲେଜ’ଅଭିଯାନ ପକ୍ଷରୁ ‘ମିଟ୍ ଆୱାର ଷ୍ଟାର୍ଟଅପ୍ ହିରୋଜ୍’ର ପରିକଳ୍ପନା କରାଯାଇଛି। ଏହାର ପ୍ରଥମ ୱେବିନାରରେ ଏକହଜାରରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ତେଣୁ ଆଗାମୀ ଦିନରେ ଆହୁରି ଅଧିକ ଯୁବପିଢ଼ି ଏଥିରେ ସାମିଲ ହେବେ ବୋଲି ଆକାଶ କହିଛନ୍ତି।

କାର୍ଯ୍ୟକ୍ରମରେ ଯୁବ ଓଡ଼ିଆ ଉଦ୍ୟୋଗୀ ତଥା ‘ନେଷ୍ଟଏୱେ’ର ସିଇଓ ଅମରେନ୍ଦ୍ର ସାହୁ ଛାତ୍ରୀଛାତ୍ରଙ୍କୁ ନିଜ ଷ୍ଟାର୍ଟଅପ୍ ଯାତ୍ରା ବିଷୟରେ କହିଥିଲେ। କୌଣସି ଗୋଟିଏ ନୂଆ କାମ ଆରମ୍ଭ କରିବା ପାଇଁ ମନରେ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ ରହିଛି। ଦୃଢ଼ ଇଚ୍ଛାଶକ୍ତି ଆଗରେ କୌଣସି କାମ ଅଟକେ ନାହିଁ। ଅତୀତର ଘଟଣାବଳୀକୁ ପଛରେ ପକାଇ ସମସ୍ତଙ୍କୁ ଦିନେ ନା ଦିନେ ଆଗକୁ ଯିବାକୁ ପଡ଼ିବ। ତେଣୁ ନୂଆ ଆରମ୍ଭକୁ ଅତୀତ କେବେ ବି ପ୍ରଭାବିତ କରିପାରିବନି। କ୍ୟାରିୟର ଶେଷ ୬ ମାସ ଓ ଆଗାମୀ ୬ ମାସକୁ ଲକ୍ଷ୍ୟ ରଖି ନିଜକୁ ପ୍ରସ୍ତୁତ ରଖିବାକୁ ପଡ଼ିବ ବୋଲି ଅମରେନ୍ଦ୍ର କହିଥିଲେ। କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍‌କୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଥିବା ଅନେକ ପ୍ରଶ୍ନର ଉତ୍ତର ପାଇଥିଲେ। ଏହି ଅବସରରେ ୫ଜଣ ଶ୍ରେଷ୍ଠ ପ୍ରଶ୍ନକର୍ତ୍ତାଙ୍କୁ ‘ମୋ କଲେଜ’ ଅଭିଯାନ ପକ୍ଷରୁ ପୁରସ୍କୃତ କରାଯିବା ନେଇ ଘୋଷଣା କରାଯାଇଥିଲା।

# ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟିତ

ତେଲକୋଇ/ଚିତ୍ରଡ଼ା/ବାରିପଦା ଅଫିସ, ୧୯(ଡି.ଏନ.ଏ.)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବୁଧବାର ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟିତ ହୋଇଛି। ତେଲକୋଇ ମୁଖ୍ୟାଳୟରେ ଜେଏମ୍ଏଫ୍‌ସି କୋର୍ଟର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘଦିନରୁ ଉକ୍ତ ଅଞ୍ଚଳବାସୀ ଏହି କୋର୍ଟ ହେବାକୁ ଦାବି କରିଆସୁଥିଲେ ଏବେ ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ ହୋଇଥିବା କୁହାଯାଉଛି। ହାଇକୋର୍ଟ ଚିଫ ଜଷ୍ଟିସ ଡ. ଏସ୍. ମୁରଲୀଧର ଏବଂ ଅନ୍ୟତମ ଜଜ ଏସ୍.ପୁଜାହାରୀ ଭର୍ଚୁଆଲ ଭାବେ ଉଦଘାଟନ କରିଥିଲେ। ବ୍ଲକ ପରିସରରେ ଏହା ଅସ୍ଥାୟୀ ଭାବେ କାର୍ଯ୍ୟକାରୀ କରୁଛି। ସେହିପରି ମୟୂରଭଞ୍ଜ ଜିଲାର ୩ ବ୍ଲକ ମୋରଡ଼ା, ରାସଗୋବିନ୍ଦପୁର ଓ ଯଶିପୁର ଠାରେ ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ମୁରଲୀଧର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ମୋରଡ଼ା ଲୋଧା ଉନ୍ନୟନ ଅଫିସ ପରିସରରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଜିଲା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ, ଚିଫ ଜୁଡିଆସିଆଲ ମାଜିଷ୍ଟ୍ରେଟ ଦୀପକ ସାହୁ, ଜିଲା ଜଜ ଅଡ଼ରଲି କାହ୍ନୁ ଚରଣ ମହାନ୍ତି, ମୋରଡ଼ା ଦେୱାନୀ ବିଚାରପତି ତଥା ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୋର୍ଟର ବିଚାରପତି ସିପ୍ରା ପ୍ରିୟଦର୍ଶନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ପ୍ରକଳ୍ପ ଉଦ୍‌ଘାଟିତ


ଥଣ୍ଡା ପାନୀୟଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଉଛି।

ଛେଣ୍ଡିପଦା,୧୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମରେ ବୁଧବାର ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବ୍ରାହ୍ମଣବିଲ ସରପଞ୍ଚ ସୁଧାକର ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଥିବାରୁ ଲଏ ନେଇ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେଣୁ ପଞ୍ଚାୟତ ପକ୍ଷରୁ ଉକ୍ତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣବିଲ ପଞ୍ଚାୟତ ସମିତିସଭ୍ୟ ସୁନୀଲ କୁମାର ପ୍ରଧାନ, ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ବ୍ଲକର ପୂର୍ବତନ ଅଧକ୍ଷ କଳାକାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ଦେହୁରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋହିତାଙ୍ଗ ବିଶ୍ୱାଳ ଓ ଜିଆରଏସ୍ ରମଣରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ଲକ୍ଷ୍ମୀଧର ସାହୁ, ମନୋଜ ପ୍ରଧାନ, ମହେଶ୍ୱର ସାହୁ, ସୁରେଶ ସାହୁ, ରତ୍ନାକର ସାହୁ ସହଯୋଗ କରିଥିଲେ।

# ବିସ୍ଥାପିତଙ୍କ ଦାବି ନେଇ ଆଲୋଚନା

ପଦ୍ମପୁର,୧୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମୁଣ୍ଡାଠାରେ ଆଦାନୀ କମ୍ପାନୀ ଦ୍ୱାରା ସ୍ଥାପନ ହେବାକୁ ଥିବା ଏୟାରଷ୍ଟ୍ରିପ୍ ପାଇଁ ବିସ୍ଥାପିତମାନେ ବିଭିନ୍ନ ଦାବିକୁ ନେଇ ବାରମ୍ବାର ଅନଶନ କରିଆସୁଛନ୍ତି। ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଡାକବଙ୍ଗଳାରେ ବିସ୍ଥାପିତ, ପ୍ରଶାସନିକ ଅଧିକାରୀ ଓ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିବା ଜଣାଯାଇଛି।

ପ୍ରକାଶ ଯେ, ବାଲିମୁଣ୍ଡା ମୌଜାର ନନ୍ଦପାଟଣା, ଚମ୍ପୁଆଡ଼ିଆ, ବଡ଼ହାବେଲିସାହି ଅଞ୍ଚଳର ଜନସାଧାରଣ ଶତାଧିକ ବର୍ଷ ଧରି ପୁରୁଷାନୁକ୍ରମିକ ଜମିର ପଟା କନିକା ରାଜାଙ୍କଠାରୁ ପାଇ ସତ୍ତ୍ୱାଧିକାରୀ ଭାବେ ଭୋଗ ଦଖଲ କରିଆସୁଛନ୍ତି। କେତେଜଣ ବ୍ୟକ୍ତି ଦଖଲ ଜାଗାର ପଟା ତହସିଲରୁ ହାସଲ କରିବା ସହ ଚାଷଜମି, ପୋଖରୀ ଓ ଘର ନିର୍ମାଣ କରି ରହିଆସୁଥିଲେ। ଏବେ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରାଯାଇଛି। ବିସ୍ଥାପିତମାନେ ପ୍ରତି ଘରକୁ ୨୫ ଡିସିମିଲ ଜାଗା, ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ପାଇଁ ଦାବି କରିଛନ୍ତି। ଦାବି ନ ମାନିଲେ ସେମାନେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ ଆଇନକୁ ହାତକୁ ନେବା ପାଇଁ ଚେତାବନୀ ଦେଇଛନ୍ତି। ବିସ୍ଥାପିତ ଯୁବ ମଞ୍ଚର ଉଦୟ ନାରାୟଣ ମଲ୍ଲିକ, ସତ୍ୟରଞ୍ଜନ ସାମନ୍ତ, ତାଜୁ ଖାନ, ଜଗବନ୍ଧୁ ଦାସ, ମହେଶ୍ୱର ଧଳ, ସେକ୍ ରାଜୁ, ମନୋଜ ପାଢ଼ୀ, ରାଜେନ୍ଦ୍ର ବାରିକ, ଗୌତମ ବିଶ୍ୱାଳ, ଉତ୍ତମ ମହାଳିକ ପ୍ରମୁଖ ବନ୍ଦରେ ସିଇଓ ଜଗତ ପରିଡ଼ା ଓ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

# ପ୍ରସ୍ତାବିତ ମଦଦୋକାନ ସ୍ଥାନାନ୍ତର ଦାବି

ଭଦ୍ରକ ଅଫିସ,୧୯

ଭଦ୍ରକ ଜିଲା ଧୂଷୁରୀ-ଭଦ୍ରକ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ପ୍ରସ୍ତାବିତ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି କରାଯାଇଛି। ହସନାବାଦ ଓ ଧୂଷୁରୀ ପଞ୍ଚାୟତର ବହୁ ଲୋକ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହସନାବାଦ ଓ ଧୂଷୁରୀ ପଞ୍ଚାୟତର ଅସ୍ତକ, ସୂର୍ଯ୍ୟପୁର ମୌଜାରେ ଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଦେଇ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ର ଯିବାଆସିବା କରୁଥିବା ବେଳେ ରାସ୍ତାପାର୍ଶ୍ୱରେ ୪ ମନ୍ଦିର ରହିଛି। ଉକ୍ତ ରାସ୍ତାପାର୍ଶ୍ୱରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ଠିପିବନ୍ଦ ମଦ ଦୋକାନ ଖୋଲିବାର ନୋଟିସ୍ ହୋଇଥିବା ଜାଣିବା ପରେ କୃଷକ ନେତା ଚନ୍ଦ୍ରଶେଖର ନାୟକ, କାଳନ୍ଦୀ କୁଅଁର, କମଳାକାନ୍ତ ପୁହାଣ, ବିନୋଦ ବିହାରୀ ନାୟକ, ସନ୍ତୋଷ ବିଶ୍ୱାଳ, ପ୍ରଦୀପ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।

ପରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ବୈଠକ ଡକାଯାଇ ଅବକାରୀ ଅଧୀକ୍ଷକଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷେତ୍ର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅବକାରୀ କମିଶନର ଅଧିକାରୀ ଦରଖାସ୍ତକାରୀଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା କରିଥିଲେ। ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ କୌଣସି ଲୋକ ବିରୋଧ କରୁ ନ ଥିବା ନେଇ ତଦନ୍ତ ରିପୋର୍ଟ ଦିଆଯିବାକୁ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ପୁନର୍ବାର କମିଶନରଙ୍କ ସହ ଭିଡିଓ କନ୍‌ଫରେନ୍ସ କରାଇ ମଦ ଦୋକାନ ବନ୍ଦ ଦିଗରେ ପଦକ୍ଷେପ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

# କାର୍ଯ୍ୟକ୍ଷମ ହେବ ୪୧ ଉଠାଜଳସେଚନ ପ୍ରକଳ୍ପ

ଛେଣ୍ଡିପଦା,୧୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକରେ ଅଚଳ ହୋଇପଡିଥିବା ୪୧ଟି ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଆସନ୍ନ ମରୁଡିକୁ ଆଖି ଆଗରେ ରଖି ଅନୁଗୋଳ ଜିଲାପାଳ ସବୁ ଉଠା ଜଳସେଚନ ପ୍ରକଳ୍ପ କାର୍ଯକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ବୁଧବାର ଏ ନେଇ ଛେଣ୍ଡିପଦା କୃଷି କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ, ଉଠା ଜଳସେଚନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।

ଛେଣ୍ଡିପଦା ବ୍ଲକରେ ଥିବା ୮୧ଟି ଉଠା ଜଳସେଚନ ପଏଣ୍ଟରୁ ବର୍ତ୍ତମାନ ୪୦ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ବିଦ୍ୟୁତ୍ ବିଲ୍ ବାକି ଥିବା ୧୮ଟି ପ୍ରକଳ୍ପରୁ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ବର୍ଷା ଜଳ ଅଭାବରୁ ଆସନ୍ନ ମରୁଡିକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ଓ ଅକ୍ଟୋବର ମାସ ପାଇଁ ଏହି ୧୮ଟି ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ କରାଯିବ। ସରକାରଙ୍କ ନିର୍ଦ୍ଦେଶ ପରେ ପାଇପ୍ ଫାଟିଯାଇଥିବା, ମୋଟର ଚୋରି ହୋଇଯାଇଥିବା ଏବଂ ଅନ୍ୟ କାରଣରୁ ଅଚଳ ଥିବା ୨୩ଟି ଉଠା ପଏଣ୍ଟକୁ ସଚଳ କରିବା ପାଇଁ ପାଣି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି କରାଯାଇଥିଲା। ଏହି ସମନ୍ୱୟ ବୈଠକରେ ଛେଣ୍ଡିପଦା ସହକାରୀ କୃଷି ଅଧିକାରୀ ପ୍ରଭାତୀ ରାମ୍, ଜରପଡା ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରଏ, ଟିପିସିଓଡିଏଲ୍‌ର ଛେଣ୍ଡିପଦା ସେକ୍ସନ ମ୍ୟାନେଜର ଯୁଧିଷ୍ଠିର ସାହୁ, ଉଠା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ନ୍ୟୁଟ୍ରନ କୁମାର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।


କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଅଧିକାରୀମାନେ।

# ମାଚ୍ୟୁରିଟି ଟଙ୍କା ନ ପାଇ ଜମାକାରୀ ହତାଶ

ଭଦ୍ରକ ଅଫିସ,୧୯

ସାହାରା ଇଣ୍ଡିଆ ଭଦ୍ରକ ଶାଖାରେ ଟଙ୍କା ଜମା ରଖିଥିବା ଜମାକାରୀ ମାଚ୍ୟୁରିଟି ଟଙ୍କା ନ ପାଇ ହତାଶ ହୋଇପଡ଼ିଛନ୍ତି। ଶତାଧିକ ଜମାକାରୀ ସାହାରା ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କ ଜରିଆରେ କୋଟି କୋଟି ଟଙ୍କାର ଫିକ୍ସଡ୍ ଡିପୋଜିଟ, ଆରଡ଼ି, ଡେଲି ଡିପୋଜିଟ ଆକାରରେ ରଖିଥିଲେ। କିନ୍ତୁ ମାଚ୍ୟୁରିଟି ପରେ ମଧ୍ୟ ଜମାକରୀଙ୍କୁ ଠିକ୍ ସମୟରେ ସେମାନଙ୍କ ଅର୍ଥ ଫେରସ୍ତ ଦିଆଯାଉ ନ ଥିବା ଅଭିରାମ ସାହୁ, ସୋମନାଥ ସିଂ, ଗୀତାରାଣୀ ପାଣିଗ୍ରାହୀ, ଶ୍ରୀକାନ୍ତ ସାହୁ, କମରୁଦ୍ଦିନ ଖାନ, ବନିତା ସୁନାଙ୍କ ସମେତ ଶତାଧିକ ଜମାକାରୀ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମାକାରୀ।

କର୍ତ୍ତୃପକ୍ଷ ଏଜେଣ୍ଟମାନଙ୍କୁ କରାୟତ କରି ଜମାକାରୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଜମାକାରୀମାନେ ନିଜର ସଞ୍ଚିତ ଅର୍ଥରାଶି ନ ପାଇ ଦୁର୍ଦ୍ଦଶା ମଧ୍ୟରେ ଏବେ ଗତି କରୁଛନ୍ତି। ଅପରପକ୍ଷେ ଟଙ୍କା ଦେବା ପରିବର୍ତ୍ତେ ସେମାନଙ୍କୁ ଧମକ ମଧ୍ୟ ଦିଆଯାଉଛି। ଗତମାସ ୧ ତାରିଖରେ ଶତାଧିକ ଜମାକାରୀ ସାହାରା କାର୍ଯ୍ୟାଳୟରେ ତାଲା ପକାଇ ଭଦ୍ରକ ସହରାଞ୍ଚଳ ଥାନାରେ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦେଇଥିଲେ। ଶାଖା ପ୍ରବନ୍ଧକ ଥାନାରେ ପହଞ୍ଚି ୧୫ ତାରିଖ ସୁଦ୍ଧା ଜମା ଟଙ୍କା ଫେରସ୍ତ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ଟଙ୍କା ଫେରସ୍ତ ହୋଇନାହିଁ। ବହୁ ଜମାକାରୀ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ସାର୍ଥକ ରାୟ ସାହାରା ଶାଖା ପ୍ରବନ୍ଧକଙ୍କୁ ଡକାଇ ଏ ବିଷୟରେ ଆଲୋଚନା କରିଛନ୍ତି। ଆସନ୍ତା ଶନିବାର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ସାହାରା କର୍ତ୍ତୃପକ୍ଷ ଓ ଜମାକାରୀଙ୍କ ମଧ୍ୟରେ ଆଲୋଚନା ହେବ ବୋଲି କୁହାଯାଇଛି। ଏଥିରେ ଖିଲାପ ହେଲେ ଆସନ୍ତା ୭ ତାରିଖରେ ସାହାରା କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ଜମାକାରୀମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ରାଜ୍ୟ ବାହାର ଠିକାସଂସ୍ଥାକୁ ବିରୋଧ

**ଢେଙ୍କାନାଳ ଅଫିସ, ୧।୯:** ଢେଙ୍କାନାଳ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀନରେ ପ୍ରକଳ୍ପ କାର୍ଯ୍ୟ କରୁଥିବା ରାଜ୍ୟ ବାହାର ବଡ଼ ଠିକାସଂସ୍ଥାକୁ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଠିକାଦାର ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ ଅନୁଯାୟୀ, ଜିଲାରେ ଛୋଟ ବଡ଼ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଠିକାଦାର କାମ କରୁଛନ୍ତି। ସେମାନଙ୍କୁ ଅଣଦେଖା କରି ସମସ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ରାଜ୍ୟ ବାହାରର ବଡ଼ ଠିକାସଂସ୍ଥାକୁ ପ୍ରଦାନ କରାଯାଉଛି। ଫଳରେ ଜିଲାରେ କାମ କରୁଥିବା ଛୋଟ ଠିକାଦାର, କୁଶଳୀ ଓ ଅଣକୁଶଳୀ ଶ୍ରମିକ ରୋଜଗାର ହରାଉଛନ୍ତି। ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସଭାପତି କମଳାକାନ୍ତ ମିଶ୍ର, ରାଜେଶ ପରିଡା, ଅରୁଣୋଦୟ ବିଶ୍ୱାଳ, ଶାନ୍ତନୁ ମଲ୍ଲିକ, ନାରାୟଣ ସ୍ୱାଇଁ ପ୍ରମୁଖ ସୂଚନା ଦେଇଛନ୍ତି।

### ଶିକ୍ଷା ଜୀବନର ଆଲୋକବର୍ତ୍ତିକା

**ସାତମାଇଲ, ୧।୯(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା କଲେଜ ପରିସରରେ ଯୁକ୍ତ ୩ ଇତିହାସ ସମ୍ମାନ ବିଭାଗ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧାପକ ମହେଶ୍ୱର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧାପକ ଡ. କୁମାର ଚନ୍ଦ୍ର ସାହୁ , ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପିକା ବିଭାବତୀ ଦାଶ, ଅଧାପିକା ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ଜୀବନର ଆଲୋକବର୍ତ୍ତିକା। ଏହାକୁ ମାଧମ କରି ଜୀବନରେ ଆଗେଇ ଯିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅଧାପିକା ସଂଯୁକ୍ତା ବେହେରା, ଅଧାପିକା ଦୀପାଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ବୈଠକ

**ଢେଙ୍କାନାଳ ଅଫିସ, ୧।୯:** ଢେଙ୍କାନାଳ ହାଟରୋଡ୍ ରାମମନ୍ଦିର ପରିସରରେ ବୁଧବାର ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବିପ୍ରବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମକର୍ତ୍ତା ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ କଳା ପରିଷଦର ଉପସଭାପତି ଅବନୀ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଆଇନଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଭୁବନ ବ୍ଲକ କଳା ସଂସ୍କୃତି ପରିଷଦ ଉପସଭାପତି ଅଶୋକ ସାମଲ, ମଠାଧୀଶ ମଧୁମଙ୍ଗଳ ମହାରାଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଭିଡ୍ ସମୟରେ ଆର୍ଥିକ ସମସ୍ୟା ଭୋଗୁଥିବା କଳାକାର ଏବଂ ପଞ୍ଜୀକୃତ କଳାକାରଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଶୋକ ସାମଲ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ରାଜ୍ୟ ସମ୍ପାଦକ ବିପିନ ଦାଶ, ଜିଲା କାର୍ଯ୍ୟକାରୀ ସମ୍ପାଦକ ବିମଳ ନାୟକ, ଉପସଭାପତି ମମତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀମା ସପ୍ତାହ ଆରମ୍ଭ

**ଢେଙ୍କାନାଳ ଅଫିସ, ୧।୯:** ଢେଙ୍କାନାଳ ଭାରତୀୟ ଜୀବନ ବୀମା ଶାଖା କାର୍ଯ୍ୟାଳୟରେ ବୁଧବାର ବୀମା ସପ୍ତାହ ଆରମ୍ଭ ହୋଇଛି। ଶାଖାର ମୁଖ୍ୟ ପ୍ରବନ୍ଧକ ବୈଷ୍ଣବ ଚରଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିବା ସହ ନିଗମ ପତାକାକୁ ଉତ୍ତୋଳନ କରି ପଲିସୀ ଧାରକ, ଏଜେଣ୍ଟ, କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଜେଣ୍ଟ ସଂଘର ଉଦୟନାଥ ମହାନ୍ତି, ପ୍ରମୋଦ ସାହୁ, କର୍ମଚାରୀ ସଂଘର ସୟଦ ଜୁଲଫିକର ଅହମ୍ମଦ, ଶୁଭଶ୍ରୀ ମହାନ୍ତି, ସୁବାସ ଚନ୍ଦ୍ର ଦାସ, ପ୍ରବନ୍ଧକ (ପ୍ରଶାସନ) ଚକ୍ରଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱତନ୍ତ୍ର ସେବା କକ୍ଷକୁ ଉଦ୍‌ଘାଟନ କରାଯାଇଛି। ୭ଦିନ ଧରି ପାଳିତ ହେବାକୁ ଥିବା ବୀମା ସପ୍ତାହ ଉପଲକ୍ଷେ ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା, ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ସଫେଇ, ଚାରା ରୋପଣ ଏବଂ ରକ୍ତଦାନ ଶିବିର ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି। ଶାଖା ପ୍ରବନ୍ଧକ (ବିକ୍ରୟ) ସଞ୍ଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ବଢ଼ାଉଛି ମାଟି ସଡ଼କ

- କାଦୁଅ ଯୋଗୁ ୧୭୦ ପରିବାର ଦୁର୍ଦ୍ଦଶାରେ
- ରୋଗୀ ଆଣିବାକୁ ଯାଇପାରୁନି ଆମ୍ବୁଲାନ୍ସ
- ସମାଧାନ ପାଇଁ ପଦକ୍ଷେପ ନେଉନି ପ୍ରଶାସନ


ବାହାଳସାହି–କମ୍ପସଲା ରାସ୍ତାର ପ୍ରକାଶ ବନ୍ଧଠାରୁ ୨ ନଂ. ୱାର୍ଡକୁ ଆସିଥିବା ମାଟି ସଡ଼କରେ ବଡ଼ ବଡ଼ ଖାଲ ସହ ପାଣି କାଦୁଅ ଭରିରହିଛି।

**ଛେଣ୍ଡିପଦା,୧।୯(ସ୍ୱ.ପ୍ର.)**

ଗାଁର ମୁଖ୍ୟ ସମସ୍ୟା ଗମନାଗମନରେ ଅସୁବିଧା। ବର୍ଷାଦିନେ ମାଟି ରାସ୍ତାରେ ଯାତାୟାତ ଗ୍ରାମବାସୀଙ୍କ ପକ୍ଷେ ଅତି କଷ୍ଟକର। ଏପରି କି ରୋଗୀଙ୍କୁ ଡାକ୍ତରଖାନା ଯାଏ ନେବାକୁ ଆମ୍ବୁଲାନ୍ସ ପଶିପାରୁନି ଗ୍ରାମରେ। ତେଣୁ ପକ୍କା ସଡ଼କଟିଏ ନିର୍ମାଣ ନିମନ୍ତେ ଗାଁଲୋକେ ଅନେକଥର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ହେଲେ ବର୍ଷ ବର୍ଷ ଧରି ଉପେକ୍ଷା, ଅବହେଳା ଛଡ଼ା କିଛି କରାଯାଇନି। ସରକାର ସହର ସହ ଗ୍ରାମାଞ୍ଚଳର ସଂଯୋଗ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଥିବାବେଳେ ଛେଣ୍ଡିପଦା ବ୍ଲକ ବାହାଳସାହି ପଞ୍ଚାୟତର ୨ନଂ ୱାର୍ଡକୁ ଯାଇଥିବା ମାଟି ସଡ଼କ ଅଧିବାସୀଙ୍କ ସମସ୍ୟା ବଢ଼ାଇ ଦେଉଛି।

ବାହାଳ ସାହି ପଞ୍ଚାୟତ ୨ନଂ ୱାର୍ଡରେ ରହିଛି ଗୋହିରାପଶି ଓ ନଙ୍ଗୁଳିଜଙ୍ଗଲ ରାଜସ୍ୱ ଗାଁ। ଏହି ଦୁଇ ଗାଁରେ ୧୭୦ ପରିବାରର ୬ଶହ ଲୋକ ବାସ କରୁଛନ୍ତି। ଶତାଧିକ ବର୍ଷ ହେବ ଏଠାରେ ଲୋକେ ବସତି ସ୍ଥାପନ କରିଥିଲେ ମଧ ଗମନାଗମନ ପାଇଁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ଗ୍ରାମକୁ ଆସିବା ପାଇଁ ଦୁଇଟି ରାସ୍ତା ରହିଛି। ଗୋଟିଏ ହେଲା ବାହାଳସାହିରୁ କମ୍ପସଲା ଯାଇଥିବା ପିଚୁ ରାସ୍ତାର ପ୍ରକାଶ ବନ୍ଧଠାରୁ ଓ ଅନ୍ୟଟି ବ୍ଲକ ଛକ ଠାରୁ ଚାଙ୍ଗୁଡିଆ ଯାଇଥିବା ପିଚୁ ରାସ୍ତାର ଡାଇବର ଗ୍ରାମ ଠାରୁ ମାଟି ରାସ୍ତା ୨ନଂ. ୱାର୍ଡକୁ ଆସିଛି। ହେଲେ ଉଭୟ ରାସ୍ତାର ପ୍ରକାଶ ବନ୍ଧ ଓ ଡାଇବର ଗ୍ରାମଠାରୁ ପ୍ରାୟ ୩ କିଲୋମିଟର ମାଟି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ। ବର୍ଷାଦିନେ ଏହି ସଡ଼କ ପାଣି କାଦୁଅରେ ଭରିଯାଉଥିବାରୁ ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ। ଏପରି କି ଗାଁ ମଧ୍ୟକୁ ୪ ଚକିଆ ଯାନ କି ଆମ୍ବୁଲାନ୍ସ ଯାଇପାରୁ ନାହିଁ। ଗୁରୁତର ରୋଗୀମାନଙ୍କୁ ବହୁ କଷ୍ଟରେ ପିଚୁ ରାସ୍ତା ପର୍ଯ୍ୟନ୍ତ ଅଣାଯିବା ପରେ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇଥାଏ। କେବଳ ଏତିକି ନୁହେଁ, ଗ୍ରାମବାସୀ ପଡ଼ୋଶୀ ଗାଁରୁ ରାଶନ ସାମଗ୍ରୀ ଆଣିବାକୁ ହଇରାଣ ହେଉଛନ୍ତି। ସେମାନେ ଚାଲି ଚାଲି ଏହି କାଦୁଅ ରାସ୍ତାରେ ଚାଉଳ, ଗହମ ମୁଣ୍ଡାଇ ଫେରୁଛନ୍ତି। ୱାର୍ଡ ମଧରେ କେବଳ ୨୦୦ ମିଟର କଂକ୍ରିଟ ରାସ୍ତାକୁ ଛାଡିଦେଲେ ଅନ୍ୟ ସମସ୍ତ ରାସ୍ତା ମାଟି ରହିଛି। ଏ ନେଇ ଦୀର୍ଘଦିନ ହେଲା ଗ୍ରାମବାସୀ ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### କେହି କର୍ଣ୍ଣପାତ କରୁନାହାନ୍ତି



“ ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା ନିର୍ମାଣ କରିବାକୁ ବାରମ୍ବାର ଅଭିଯୋଗ କରାଯାଉଛି। କିନ୍ତୁ ଏଥିପ୍ରତି ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧମାନେ ପାଣି କାଦୁଅରେ ପଶି ଯିବାଆସିବା କରୁଛନ୍ତି।

**-ବିଳାସ ଖିଲାର, ଗୋହିରାପଶି**

### ଗାଁରେ ରାଶନ ଦିଆଯାଉ



“ କାଦୁଅ ରାସ୍ତାରେ ରାଶନ ମୁଣ୍ଡେଇ ଆଣିବା ବହୁ କଷ୍ଟକର। ତେଣୁ ଆମ ଗାଁରେ ରାଶନ ସାମଗ୍ରୀ ପ୍ରଦାନ ନିମନ୍ତେ ବହୁବାର ଯୋଗାଣ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ମାମୁରିଆରୁ ଯାଉଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଗାଁ ପାଖଦେଇ ନିଆଗଲେ ଲୋକେ ଉପକୃତ ହୁଅନ୍ତେ।

**-କ୍ଷେତ୍ରବାସୀ ସେନାପତି, ଗ୍ରାମବାସୀ**

### ପଞ୍ଚାୟତରେ ଅର୍ଥ ନାହିଁ



“ ଗୋହିରାପଶି ଗାଁ ରାସ୍ତା ଦୀର୍ଘଦିନ ହେବ ଖାଲଖମାରେ ପରିଣତ ହୋଇଛି। ବର୍ଷା ହେଲେ ଯାତାୟାତରେ ଅସୁବିଧା ହେଉଛି। ପଞ୍ଚାୟତ ପକ୍ଷରୁ ବେଳେବେଳେ ମାଟି ମୋରମ ପକାଯାଉଛି। ପକ୍କା ରାସ୍ତା ନିର୍ମାଣ ନିମନ୍ତେ ପଞ୍ଚାୟତରେ ଅର୍ଥ ନ ଥିବାରୁ କିଛି ପଦକ୍ଷେପ ନିଆଯାଇ ପାରୁନାହିଁ।

**-ନାରାୟଣ ବେହେରା, ସରପଞ୍ଚ, ବାହାଳସାହି**

### ଦୟନୀୟ ଅବସ୍ଥାରେ ରହିଛୁ



“ କାଦୁଅ ସଡ଼କକୁ ନେଇ ବହୁ ସମସ୍ୟା ଭୋଗୁଛୁ। ଏ ନେଇ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଛୁ। କିନ୍ତୁ ପକ୍କା ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ ନାହିଁ। କେତେବର୍ଷ ଏପରି ଦୟନୀୟ ଅବସ୍ଥାରେ ରହିଲେ ପ୍ରଶାସନର ଶୁଭ ଦୃଷ୍ଟି ପଡ଼ିବ ତାହା ଗ୍ରାମବାସୀ ବୁଝିପାରୁନାହାନ୍ତି।

**-ପ୍ରସନ୍ନ ଦାସ, ଗାଁ ସମ୍ପାଦକ**

### ହସ୍ତାନ୍ତର ପରେ ସମାଧାନ



“ ଉକ୍ତ ରାସ୍ତା ପଞ୍ଚାୟତ ଅଧୀନରେ ରହିଛି। ଏବେ ନୂତନ କଂକ୍ରିଟ ରାସ୍ତା ପାଇଁ ଅର୍ଥ ଆସୁନାହିଁ। ତେଣୁ ପଞ୍ଚାୟତ ପକ୍ଷରୁ ରିଜଲ୍ୟୁଶନ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ହସ୍ତାନ୍ତର କରାଯିବା ପରେ ସମସ୍ୟାର ସମାଧାନ ହୋଇପାରିବ ଓ ଗ୍ରାମବାସୀ ଉପକୃତ ହେବେ।

**- ସଞ୍ଜୟ କୁମାର ଆଚାର୍ଯ୍ୟ, ବିଡିଓ, ଛେଣ୍ଡିପଦା**

# ଦ୍ୱିତୀୟ ସୈନିକ ମାନ୍ୟତା ଦାବି କଲେ ଡ୍ରାଇଭର



ଡ୍ରାଇଭର ମହାସଂଘର ବିକ୍ଷୋଭ।

**ଢେଙ୍କାନାଳ ଅଫିସ, ୧।୯**

ଓଡ଼ିଶା ଡ୍ରାଇଭର ମହାସଂଘ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ବୁଧବାର ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଦସ୍ୟ ଏବଂ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଯଥେଷ୍ଟ ପାର୍କିଂ ସୁବିଧା, ୧୦୦ କି.ମି. ବ୍ୟବଧାନରେ ଡ୍ରାଇଭରଙ୍କ ଲାଗି ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା, ୫୫ ବର୍ଷରେ ପେନ୍‌ସନ ପ୍ରଦାନ, ଦୁର୍ଘଟଣାରେ ମୃତ ଡ୍ରାଇଭରଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ବୀମାରାଶି, ଅକର୍ମଣ୍ୟଙ୍କ ପାଇଁ ୧୦ଲକ୍ଷ ଟଙ୍କାର ବୀମା ରାଶି ସହିତ ଚିକିତ୍ସା ପାଇଁ ଅତିରିକ୍ତ ୫ଲକ୍ଷ ଟଙ୍କା ଯାଏ ଚିକିତ୍ସା ବୀମା, ଡ୍ରାଇଭରଙ୍କ ମାନଦଣ୍ଡ ନିର୍ଦ୍ଧାରଣ, ଦ୍ୱିତୀୟ ସୈନିକର ମାନ୍ୟତା, ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ୫ଲକ୍ଷ ଟଙ୍କା ପ୍ରଦାନ, ଡ୍ରାଇଭରଙ୍କ ପିଲାଙ୍କ ଲାଗି ଉଚ୍ଚଶିକ୍ଷା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହ ରାସ୍ତାରେ ପ୍ରଶାସନ ପକ୍ଷରୁ ଡ୍ରାଇଭରଙ୍କୁ ହଇରାଣ ନ କରିବା, ରାସ୍ତାରୋକୋ ସମୟରେ ଡ୍ରାଇଭରମାନେ ଭୋଗୁଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଅସହାୟ ବୃଦ୍ଧଙ୍କୁ ଥଇଥାନ

**ଢେଙ୍କାନାଳ ଅଫିସ, ୧।୯**

ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଅସହାୟ ଅବସ୍ଥାରେ ପଡ଼ିଥିବା ଜଣେ ବୃଦ୍ଧଙ୍କୁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଥଇଥାନ କରାଯାଇଛି। ବୃଦ୍ଧଙ୍କୁ ତାଙ୍କ ସ୍ତ୍ରୀ ଏବଂ ପୁଅ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିଲେ। ଏହାପରେ ସେ କୋର୍ଟ ପରିସରରେ ବୁଲୁଥିଲେ। ଅଭିଯୋଗ ପାଇବା ପରେ ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ୍ ଶରତ କୁମାର ଦେହୁରୀଙ୍କ ସହିତ ଆଲୋଚନା କରି ବୃଦ୍ଧଙ୍କୁ ଥଇଥାନ କରିବା ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ଆନନ୍ଦନଗରସ୍ଥିତ କୁଞ୍ଜବିହାରୀ ବୃଦ୍ଧାଶ୍ରମରେ ଥଇଥାନ କରିଥିଲେ।

### ୧୪ ଆକ୍ରାନ୍ତ ଚିହ୍ନଟ, ୧୦ ସୁସ୍ଥ

**ଢେଙ୍କାନାଳ ଅଫିସ, ୧।୯**

ଢେଙ୍କାନାଳ ଜିଲାରୁ ବୁଧବାର ୧୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୦ଜଣ ସୁସ୍ଥ ହୋଇଛନ୍ତି। ତନ୍ମଧରେ ଢେଙ୍କାନାଳ ପୌରାଞ୍ଚଳର ୫, ସଦର ବ୍ଲକରୁ ୨, ହିନ୍ଦୋଳରୁ ୨, ଓଡ଼ାପଡ଼ାରୁ ୧, କାମାକ୍ଷାନଗରରୁ ୧ ଓ ଏନ୍‌ଏସିର ୧, ପରଜଙ୍ଗରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ଅଛନ୍ତି। ଜିଲାରେ ମୋଟ୍ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୪୨ରେ ପହଞ୍ଚିଥିବାବେଳେ ୨୩୮ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଜିତ୍‌ଙ୍କୁ ବାଜି ରାଉତ କଲେଜ ଅଧକ୍ଷ ଦାୟିତ୍ୱ

**ଭୁବନ,୧।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜର ନୂତନ ଅଧକ୍ଷ ଭାବେ ପ୍ରଫେସର ଅଜିତ କୁମାର ବେହେରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଶିକ୍ଷାନୁଷ୍ଠାନରେ ଇଂଲିଶ ବିଭାଗ ଅଧାପକ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ପରେ କଲେଜର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସହଯୋଗରେ ବୀର ବାଜି ରାଉତଙ୍କ ନାମରେ ନାମିତ କଲେଜର ଗରିମା ବଜାୟ ରହିପାରିବ ବୋଲି ଅଧକ୍ଷ ପ୍ରଫେସର ବେହେରା କହିଥିଲେ। କଲେଜରେ ଲାଗି ରହିଥିବା ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଜାରି ରଖିଥିବା ଗୁରୁତ୍ୱ ଦିଆଯାଇଛି। ପ୍ରଫେସର ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୂତନ ଅଧକ୍ଷଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା।


ନୂତନ ଅଧକ୍ଷଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଉଛି।

# ୮ରେ ଜିଲା କାର୍ଯ୍ୟାଳୟ ଆଗରେ ପ୍ରତିବାଦ


ବୈଠକରେ ଏଏପିର କର୍ମକର୍ତ୍ତାମାନେ।

- ପାନୀୟ ଜଳ, ସ୍ୱାସ୍ଥ୍ୟସେବାରେ ସମସ୍ୟା
- କ୍ଷୋଭବ୍ୟକ୍ତ କଲା ଜିଲା ଆମ୍ ଆଦ୍‌ମୀ ପାର୍ଟି

**ଢେଙ୍କାନାଳ ଅଫିସ, ୧।୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଳାଙ୍ଗ ପଞ୍ଚାୟତରେ ଦୀର୍ଘଦିନ ହେଲା ପାନୀୟ ଜଳ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ଆସନ୍ତା ୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବାକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୁଧବାର ଦଳର ଜିଲା ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଏହି ସୂଚନା ଦିଆଯାଇଛି। ବରିଷ୍ଠ ନାଗରିକ ସତ୍ୟବାଦୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରମେଶ ପଣ୍ଡା, ହେମନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି ସରକାର ବିଶ୍ୱସ୍ତରୀୟ ଶିକ୍ଷା, ସ୍ୱାସ୍ଥ୍ୟ, ୨୦୦ ୟୁନିଟ୍ ଯାଏ ବିଦ୍ୟୁତ୍ ଦେଉଛନ୍ତି, ସବୁ ଘରକୁ ପାଇପ୍ ପାଣି ଯୋଗାଇ ଦେଉଛନ୍ତି। ଓଡ଼ିଶା ସରକାର ମଧ ଏହାକୁ ଆପଣାଇବା ଉଚିତ ବୋଲି ଦାବି କରାଯାଇଥିଲା। ଗୋବିନ୍ଦ ନାଏକ, ସନାତନ ନାଏକ, ୱାର୍ଡସଭ୍ୟ ସୁଶାନ୍ତ ପଣ୍ଡା, ରମା ସେଠୀ, ପ୍ରଭାତ ମହାପାତ୍ର, ନରେଶ ନାୟକ, ରଞ୍ଜନ ସାମଲ, ଅଶୋକ ସାମଲ, ଅନାମ ସାମଲ, ଟୁନା ସାମଲ, ଦୀପକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୮ ଜଣ ଏଏପିରେ ସାମିଲ ହୋଇଥିଲେ।

# ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧।୯**

- ଗୁରୁଦିବସ ପୂର୍ବରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଟିକା
- ଆକ୍ରାନ୍ତ ପିଲାଙ୍କୁ ଚିହ୍ନଟ କରିବା ଗୁରୁଦାୟିତ୍ୱ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ବୁଧବାର ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ପରିଚାଳନାର ସମୀକ୍ଷା କରିଛନ୍ତି। ତୃତୀୟ ଲହରରେ ଶିଶୁମାନେ ଅଧିକ ମାତ୍ରାରେ ସଂକ୍ରମିତ ହେବାର ଆଶଙ୍କା ରହିଛି। ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଭିଭାବକମାନେ ଅଧିକ ଯତ୍ନବାନ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଆକ୍ରାନ୍ତ ଶିଶୁଙ୍କୁ ଚିହ୍ନଟ କରିବା ସବୁଠାରୁ ବଡ଼ ଗୁରୁଦାୟିତ୍ୱ। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି କାର୍ଯ୍ୟକୁ ଠିକ୍ ଭାବେ ତୁଲାଇବାକୁ ପଡ଼ିବ। ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ହାଇସ୍କୁଲକୁ ଆସୁଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସ୍ୱାବ୍ ପରୀକ୍ଷା କରିବା, କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେପ୍ଟେମ୍ବର ୫ ଗୁରୁଦିବସ ପୂର୍ବରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଟିକା ଦେବା ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ତୃତୀୟ ଲହରର ଉଚିତ ମୁକାବିଲା ଲାଗି ବିଡିଓ, ତହସିଲଦାର, ସିଡିପିଓ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବେ। କୋଭିଡ୍ ପ୍ରୋଟୋକଲ ଅନୁପାଳନର ଯାଞ୍ଚ ପ୍ରକ୍ରିୟା ଜାରି ରହିବ। ନିୟମିତ ସ୍ୱାବ୍ ପରୀକ୍ଷା ଦ୍ୱାରା ସଂକ୍ରମିତଙ୍କ ଚିହ୍ନଟ ସହଜରେ କରାଯାଇପାରିବ ଏବଂ ସଂକ୍ରମଣ ରୋକାଯାଇପାରିବ ବୋଲି ଜିଲାପାଳ କହିଥିଲେ।

ଢେଙ୍କାନାଳ ଜିଲାରେ ମୋଟ୍ ୫ଲକ୍ଷ ୪୨ହଜାରରୁ ଊର୍ଦ୍ଧ୍ୱ ଜଣକୁ ଟିକା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଟିକାକରଣକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଜୟକୃଷ୍ଣ ନାୟକ, ଆପାତକାଳୀନ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କୋଭିଡ୍ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

